# The Odisha Gazette

**EXTRAORDINARY**
**PUBLISHED BY AUTHORITY**

**No. 1441, CUTTACK, FRIDAY, AUGUST 10, 2018/ SRAVAN 19, 1940**


[ସଂଖ୍ୟା 12927–SME-SSE-SSE-0095/2017/ ଏସ.ଏମ.ଇ.]

## ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

### ସଂକଳ୍ପ

ତା. 7.6.2018

**ବିଷୟ : ମୁଖ୍ୟମନ୍ତ୍ରୀ ମେଧା ବୃତ୍ତି ।**

ସରକାରୀ, ଅନୁଦାନପ୍ରାପ୍ତ ବେସରକାରୀ ବିଦ୍ୟାଳୟ, ଅଣଅନୁଦାନ ପ୍ରାପ୍ତ ଓ ସ୍ବୀକୃତି ପ୍ରାପ୍ତ ବିଦ୍ୟାଳୟ ମାନଙ୍କରେ ମାଧମିକ ଶିକ୍ଷା ପରିଷଦ ଦ୍ବାରା ଅନୁମୋଦିତ ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଓଡିଆ ଛାତ୍ର ଛାତ୍ରୀମାନଙ୍କ ନିମନ୍ତେ କୌଣସି ସ୍ବତନ୍ତ୍ର ଶିକ୍ଷା ବୃତ୍ତି ଦିଆଯାଉନଥିଲା । ଏହାକୁ ଦୃଷ୍ଟିରେ ରଖି **"ମୁଖ୍ୟମନ୍ତ୍ରୀ ମେଧା ବୃତ୍ତି"** ନାମରେ ଏକ ସ୍ବତନ୍ତ୍ର ବୃତ୍ତି ପ୍ରଦାନ କରିବା ପାଇଁ ସରକାର ସ୍ଥିର କରିଛନ୍ତି।

୧. **ଉଦ୍ଦେଶ୍ୟ :**

(କ) ଓଡିଆ ମାଧମ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା।

(ଖ) ଓଡିଆ ମାଧମ ବିଦ୍ୟାଳୟମାନଙ୍କରୁ ଅଧାରେ ପାଠ ଛାଡୁଥିବା ପିଲାଙ୍କୁ ବିଦ୍ୟାଳୟ ଶିକ୍ଷା ସମାପ୍ତ କରିବାକୁ ଆଗ୍ରହ ସୃଷ୍ଟି କରିବା।

(ଗ) ଓଡିଆ ମାଧମ ବିଦ୍ୟାଳୟମାନଙ୍କରେ ଶିକ୍ଷା ଗ୍ରହଣ ନିମନ୍ତେ ପିଲାମାନଙ୍କର ଆଗ୍ରହ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ବୃଦ୍ଧି କରିବା।

୨. **ମାର୍ଗ ଦର୍ଶିକା (ନିୟମାବଳୀ) :**

(କ) ଏହି ବୃତ୍ତି ଓଡିଶା ମାଧମିକ ଶିକ୍ଷା ପରିଷଦ ଦ୍ବାରା ସ୍ବୀକୃତି ପ୍ରାପ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ ତଥା ସ୍ବୀକୃତୀ ପ୍ରାପ୍ତ ଓଡିଆ ମାଧମ ଉଚ୍ଚ ବିଦ୍ୟାଳୟର ଛାତ୍ର /ଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ।

(ଖ) ଓଡିଶା ମାଧମିକ ଶିକ୍ଷା ପରିଷଦ ଦ୍ବାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଛାତ୍ର /ଛାତ୍ରୀମାନେ ଏହି ବୃତ୍ତିର ପରିସରଭୁକ୍ତ ହେବେ ।

(ଗ) ପ୍ରତ୍ୟେକ ବର୍ଷ ଏହି ବୃତ୍ତି ସାରା ରାଜ୍ୟର ପ୍ରାୟ ୩୫,୪୪୦ ଛାତ୍ର /ଛାତ୍ରୀ ପାଇବେ।

(ଘ) ପ୍ରତି ବ୍ଲକରୁ ୧୦୦ଜଣ, ପ୍ରତି ନିଗମ ଅଞ୍ଚଳରୁ ୧୦୦ଜଣ, ପ୍ରତି ମ୍ୟୁନିସପାଲିଟିରୁ ୫୦ଜଣ ଏବଂ ପ୍ରତି ବିଜ୍ଞାପିତ ଅଞ୍ଚଳ ପରିଷଦ (NAC) ରୁ ୨୦ଜଣ ଯୋଗ୍ୟ ଛାତ୍ର ଛାତ୍ରୀ ଏହି ବୃତ୍ତି ପାଇବେ। ଅଣ-ଅନୁଦାନ ପ୍ରାପ୍ତ ଓ ସ୍ବୀକୃତି ପ୍ରାପ୍ତ ଶିକ୍ଷାନୁଷ୍ଠାନ ଗୁଡିକ ମୋଟ ବୃତ୍ତି ସଂଖ୍ୟାର ସର୍ବାଧିକ ୨୦ ଭାଗ ସଂଖ୍ୟକ ବୃତ୍ତି ପାଇ ପାରିବେ ।

(ଙ) ଯୋଗ୍ୟ ତାଲିକାର ଶେଷ ସ୍ଥାନରେ ଏକାଧିକ ଛାତ୍ର ଛାତ୍ରୀ ଥିଲେ, ସେହି କ୍ଷେତ୍ରରେ ସଂପୃକ୍ତ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରୁ ବିଜ୍ଞାନରେ ଅଧିକ ନମ୍ବର ରଖିଥିବା ଛାତ୍ର ଛାତ୍ରୀଙ୍କୁ ବୃତ୍ତି ରାଶି ପ୍ରଦାନ କରାଯିବ। ଯଦି ବିଜ୍ଞାନରେ ମଧ୍ୟ ସମାନ ନମ୍ବର ଥାଏ ସେଭଳି କ୍ଷେତ୍ରରେ ଗଣିତରେ ରଖିଥିବା ନମ୍ବରକୁ ବିଚାରକୁ ନିଆଯିବ। ତଥାପି ଯଦି ଯୋଗ୍ୟ ଛାତ୍ର ଛାତ୍ରୀ ଚୟନ କରିବାରେ ଅସୁବିଧା ହୁଏ ତାହାହେଲେ ସେମାନଙ୍କ ଦ୍ବାରା ରଖିଥିବା ସାମାଜିକ ବିଜ୍ଞାନ ନମ୍ବର ବିଚାରକୁ ନିଆଯାଇ ଚୁଡାନ୍ତ ଯୋଗ୍ୟ ତାଲିକା ପ୍ରସ୍ତୁତ କରାଯିବ।

୩. **<u>ବୃତ୍ତି ରାଶି</u> :**

ଏହା ଏକକାଳୀନ ବୃତ୍ତି ଓ ପ୍ରତ୍ୟେକ ଯୋଗ୍ୟ ଛାତ୍ର ଛାତ୍ରୀଙ୍କ ବୃତ୍ତି ରାଶିର ପରିମାଣ ଟ.5000/- (ପାଞ୍ଚ ହଜାର ଟଙ୍କା)। କୌଣସି ପରିସ୍ଥିତିରେ ଗୋଟିଏ ବ୍ଲକ / Municipal Corporation / Municipality ଓ NAC ର ବୃତ୍ତି ସଂଖ୍ୟା ସ୍ଥିରୀକୃତ ବୃତ୍ତି ସଂଖ୍ୟାରୁ ଅଧିକ ହେବନାହିଁ।

୪. **<u>ଚୟନ ପ୍ରକ୍ରିୟା</u> :**

(କ) ପ୍ରତ୍ୟେକ ବର୍ଷ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ବାରା ପରିଚାଳିତ ହେଉଥିବା ୧୦ମ ଶ୍ରେଣୀ ବାର୍ଷିକ ପରୀକ୍ଷା ଫଳ ପ୍ରକାଶନର ଏକମାସ ମଧ୍ୟରେ ସଚିବ, ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା, କଟକ ରାଜ୍ୟର ସମସ୍ତ ବ୍ଲକ (୧୦୦ଜଣ), ପ୍ରତ୍ୟେକ ମ୍ୟୁନିସପାଲ କର୍ପୋରେସନ (୧୦୦ଜଣ), ପ୍ରତ୍ୟେକ ମ୍ୟୁନିସପାଲଟି (୫୦ଜଣ) ଏବଂ ପ୍ରତ୍ୟେକ ବିଜ୍ଞାପିତ ଅଞ୍ଚଳ ପରିଷଦର (୨୦ଜଣ) ଯୋଗ୍ୟ ଛାତ୍ର/ ଛାତ୍ରୀଙ୍କ ତାଲିକା ସଂପୃକ୍ତ ଶିକ୍ଷା ଅଧିକାରୀଙ୍କ ନିକଟକୁ ପଠାଇବେ।

(ଖ) ଯୋଗ୍ୟ ଛାତ୍ର ଛାତ୍ରୀ ଚୟନ ନିମନ୍ତେ ଏକ ଜିଲ୍ଲାସ୍ତରୀୟ କମିଟି ନିମ୍ନମତେ ଗଠନ କରାଯିବ।

| | | | |
|---|---|---|---|
| (i) | ଜିଲ୍ଲାପାଳ | – | ଅଧକ୍ଷ୍ୟ |
| (ii) | ଜିଲ୍ଲା ଶିକ୍ଷାଧିକାରୀ | - | ସଭ୍ୟ ତଥା ଆବାହକ |
| (iii) | ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ | - | ସଭ୍ୟ |

(ଗ) ଜିଲ୍ଲା ଶିକ୍ଷାଧିକାରୀ, ମାଧ୍ୟମିକ ଶିକ୍ଷା ପରିଷଦଙ୍କ ଠାରୁ ପ୍ରାପ୍ତ ଛାତ୍ର ଛାତ୍ରୀଙ୍କ ତାଲିକାକୁ ତର୍ଜମାକରି ବୃତ୍ତି ପାଇଁ ଯୋଗ୍ୟ ଛାତ୍ର ଛାତ୍ରୀଙ୍କ ଏକ ଯୋଗ୍ୟ ତାଲିକା ପ୍ରସ୍ତୁତ କରି ଏକ ମାସ ମଧ୍ୟରେ ଜିଲ୍ଲା ସ୍ତରୀୟ କମିଟି ନିକଟରେ ଉପସ୍ଥାପନ କରିବେ। କମିଟି ଏହାକୁ ଯାଞ୍ଚ କରି ଚୁଡାନ୍ତ ତାଲିକା ପ୍ରସ୍ତୁତ ଓ ଅନୁମୋଦନ କରିବେ।

(ଘ) ଜିଲ୍ଲା ଶିକ୍ଷାଧିକାରୀ, କମିଟି ଦ୍ବାରା ଚୂଡାନ୍ତ ହୋଇଥିବା ଯୋଗ୍ୟ ବୃତ୍ତିଧାରୀ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ବ୍ଲକ ଓ ସହରାଞ୍ଚଳ ନିମନ୍ତେ ଅଲଗା ଅଲଗା ବୃତ୍ତି ଜ୍ଞାପକ ଜାରି କରିବେ।

**୫) <u>ବୃତ୍ତି ନିମନ୍ତେ ପାଣ୍ଠିଯୋଗାଣ ଓ ବୃତ୍ତି ବଣ୍ଟନ</u> :**

(କ) ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହି ବୃତ୍ତି ବାବଦକୁ ଦେୟ ଅର୍ଥରାଶି ନିମନ୍ତେ ବଜେଟରେ ବ୍ୟୟ ଅଟକଳର ବ୍ୟବସ୍ଥା କରିବେ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଓଡିଶା ଙ୍କୁ ପ୍ରତିବର୍ଷ ଜୁନ୍ ମାସ ଶେଷ ଶୁଦ୍ଧା ପାଣ୍ଠି ଯୋଗାଇବା ସହିତ ବ୍ୟୟ ମଞ୍ଜୁର କରିବେ।

(ଖ) ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଜୁଲାଇ ୧୫ ତାରିଖ ସୁଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ପାଣ୍ଠି ଯୋଗାଇବେ।

(ଗ) ଜିଲ୍ଲାଶିକ୍ଷା ଅଧିକାରୀ ଜିଲ୍ଲା କମିଟି ଦ୍ବାରା ଅନୁମୋଦିତ ତାଲିକା ଅନୁସାରେ ବୃତ୍ତି ନିମନ୍ତେ ଯୋଗ୍ୟ ବିବେଚିତ ଛାତ୍ର ଛାତ୍ରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବୃତ୍ତି ରାଶି ସ୍ଥାନାନ୍ତର କରିବେ। କୌଣସି ପରିସ୍ଥିତିରେ ବୃତ୍ତି ରାଶି ନଗଦ ଆକାରରେ ପ୍ରଦାନ କରାଯିବ ନାହିଁ। ବୃତ୍ତି ରାଶି ଅଗଷ୍ଟ /ସେପ୍ଟେମ୍ବର ମାସ ମଧ୍ୟରେ ଛାତ୍ର ଛାତ୍ରୀଙ୍କୁ ପ୍ରଦାନ କରାଯିବ।

(ଘ) ବୃତ୍ତି ରାଶି ବଣ୍ଟନ ପରେ ପ୍ରତ୍ୟେକ ଜିଲ୍ଲା ଶିକ୍ଷାଧିକାରୀ ସମ୍ପୃକ୍ତ ଜିଲ୍ଲାର ବୃତ୍ତିରାଶି ବଣ୍ଟନ ସମ୍ପର୍କିତ ପ୍ରମାଣ ପତ୍ର (Utilization Certificate) ଏକ ମାସ ମଧ୍ୟରେ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା, ଓଡିଶାଙ୍କୁ ପ୍ରେରଣ କରିବେ।

(ଙ) ଉକ୍ତ ପ୍ରମାଣ ପତ୍ରକୁ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା, ଓଡିଶା, ଆବଶ୍ୟକୀୟ ତର୍ଜମା ପରେ ମୋହର ସହିତ ସରକାରଙ୍କୁ ପ୍ରେରଣ କରିବେ।

ଏହି ବୃତ୍ତି ଯୋଜନା ୨୦୧୮ ମସିହା ବାର୍ଷିକ ହାଇସ୍କୁଲ ପରୀକ୍ଷା ପରଠାରୁ କାର୍ଯ୍ୟକାରୀ ହେବ।

ଏହା ଅର୍ଥ ବିଭାଗ ଦ୍ବାରା **ତା.20.03.2018**ରିଖରେ, ଏହି ବିଭାଗର ଓସ୍ୱାସ **(OSWAS)** ନଥି ସଂଖ୍ୟା SME-SSE-SSE-0095/2017 ରେ ଅନୁମୋଦିତ ହୋଇଛି।

**ନିର୍ଦ୍ଦେଶ**

ନିର୍ଦ୍ଦେଶ ଦିଆଯାଉଅଛି କି ଏହି ସଂକଳ୍ପଟି ରାଜପତ୍ରର ପରବର୍ତ୍ତୀ ସଂକଳନରେ ପ୍ରକାଶ କରାଯାଉ।

ରାଜ୍ୟପାଳଙ୍କ ନିର୍ଦ୍ଦେଶମତେ

ପ୍ରଦୀପ୍ତ କୁମାର ମହାପାତ୍ର
ପ୍ରମୁଖ ଶାସନ ସଚିବ

Printed and published by the Director, Printing, Stationery and Publication, Odisha, Cuttack-10
Ex. Gaz. 918-173+100